# ଆଶ୍ୱାସନା ଯଥେଷ୍ଟ ନୁହେଁ

ରାଜ୍ୟରେ କୌଣସି ପ୍ରକାର ରାଜନୈତିକ ଅସ୍ଥିରତା ସୃଷ୍ଟି କରିବାକୁ କାହାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ଯେଉଁ ଆଶ୍ୱାସନା ଦେଇଛନ୍ତି ତାହା ସାମ୍ପ୍ରତିକ ପରିସ୍ଥିତିରେ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ, ଏଥିରୁ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପୁଜିପଡ଼ୁଛି। ଓଡ଼ିଶାର ପ୍ରଗତି ପାଇଁ ରାଜନୈତିକ ସ୍ଥିରତା ଯେ ଏକାନ୍ତ ଅପରିହାର୍ଯ୍ୟ ଏକଥା କେବଳ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କାହିଁକି ଯେ କେହି ସଚେତନ ନାଗରିକ ବ୍ୟକ୍ତି ସ୍ୱୀକାର କରିବେ। ରାଜନୈତିକ ଅସ୍ଥିରତା ପାଇଁ ଗତ ୫୦ ବର୍ଷ ମଧ୍ୟରେ ଓଡ଼ିଶାକୁ ଯେଉଁ ମୂଲ୍ୟ ଦେବାକୁ ପଡ଼ିଛି ସେକଥା କାହାକୁ ଅବିଦିତ ନାହିଁ। ତେଣୁ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଏହି ଘଟୁଥିବା ଅସ୍ଥିରତା ପାଇଁ ଦାୟୀ କିଏ ଏବଂ କାହାର ରାଜନୈତିକ ସ୍ୱାର୍ଥ ଏହାଦ୍ୱାରା ସାଧନ ହେଉଛି। ଏ ପ୍ରଶ୍ନ କୌଣସି ଦଳ ବା ବ୍ୟକ୍ତିର ପ୍ରଶ୍ନ ନୁହେଁ : ଏହା ଓଡ଼ିଶାର ସାମଗ୍ରିକ ସ୍ୱାର୍ଥ ସହିତ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରଶ୍ନ। ତେଣୁ କେବଳ ଅସ୍ଥିରତା ପାଇଁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଏହି ଆଶ୍ୱାସନା ଦେଇଦେଲେ କେହି ଆଶ୍ୱସ୍ତ ହେବେ ନାହିଁ। ସେଥିପାଇଁ ନିର୍ଦ୍ଦିଷ୍ଟ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ଦରକାର। ସଂସଦୀୟ ଗଣତନ୍ତ୍ରରେ ସ୍ୱଚ୍ଛ ବହୁମତ ରାଜନୈତିକ ସ୍ଥିରତା ଆଣିଥାଏ। ସେ ଦୃଷ୍ଟିରୁ କଂଗ୍ରେସ ଦଳ ବର୍ତ୍ତମାନ ଭଳି ଏତେ ପରିମାଣରେ ସମର୍ଥନ କେବେ ପାଇ ନ ଥିଲା କି ଭବିଷ୍ୟତରେ ପାଇପାରିବ ବୋଲି ବିଶ୍ୱାସ ମଧ୍ୟ କରିହେଉ ନାହିଁ। ବିରୋଧୀ ଦଳ କେବଳ ଯେ ସଂଖ୍ୟାନ୍ୟୂନ ତାହା ନୁହେଁ, ବ୍ୟକ୍ତିଗତ ଏବଂ ଅନ୍ୟାନ୍ୟ ନାନାସ୍ୱାର୍ଥ କାରଣରୁ ବହୁ ଭାବରେ ବିଭକ୍ତ। କିନ୍ତୁ ଆଶ୍ଚର୍ଯ୍ୟ ହେବାକୁ ହୁଏ, ଏ ପ୍ରକାର ରାଜନୈତିକ ଶକ୍ତିକୁ ରାଜ୍ୟର ପ୍ରଗତିପାଇଁ ବିନିଯୋଗ କରିବା ପରିବର୍ତ୍ତେ କଂଗ୍ରେସର ଗୋଷ୍ଠୀ କନ୍ଦଳରତ ପ୍ରାଦେଶିକ ନେତୃବୃନ୍ଦ ନିଜ ନିଜ ସ୍ୱାର୍ଥ ପାଇଁ ଦଳକୁ ଦୁର୍ବଳ କରିବାରେ ଲାଗିଛନ୍ତି। ତା' ନ ହୋଇଥିଲେ ରାଇରଙ୍ଗପୁର ଉପନିର୍ବାଚନରେ କଂଗ୍ରେସର ପରାଜୟ ପରେ ବିରୋଧୀ ଦଳ ପକ୍ଷରୁ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବୀ ନ ହେଉଣୁ ପ୍ରମୁଖ କଂଗ୍ରେସ ଏମ୍.ପି. ନିଜ ଦଳର ସରକାରର ପତନ ପାଇଁ ଯୁକ୍ତିବାଢ଼ି ସମ୍ବାଦପତ୍ରକୁ ବିବୃତି ଦିଅନ୍ତେ ନାହିଁ କିମ୍ବା ୨୪ ଘଣ୍ଟା ମଧ୍ୟରେ ପୁଣି ତରବରିଆ ଭାବେ ତାହାକୁ ନିର୍ଲଜ୍ଜ ଭାବେ କୌଣସି କାରଣ ନ ଦର୍ଶାଇ ପ୍ରତ୍ୟାହାର କରନ୍ତେ ନାହିଁ। ଦଳୀୟ ଶୃଙ୍ଖଳାର ଏ ପ୍ରକାର ନମୁନା ଇତିହାସରେ ଖୋଜିଲେ ମିଳିବ କି ନାହିଁ ସନ୍ଦେହ।

କଂଗ୍ରେସରେ ଶୃଙ୍ଖଳାର ଯେଉଁ ଘୋର ଅଭାବ ଦେଖାଦେଇଛି ତା'ର ଶୀଘ୍ର ପ୍ରତିକାର ନ ହେଲେ ପରିଣତି ଯେ ବିଷମୟ ହେବ ଏହା ନିଃସନ୍ଦେହରେ କୁହାଯାଇପାରେ। ମନ୍ତ୍ରିମଣ୍ଡଳର . ସଦସ୍ୟମାନଙ୍କଠାରୁ ଆରମ୍ଭ କରି ଦଳର ପ୍ରମୁଖ କର୍ମୀମାନଙ୍କର ଆଚରଣ ଏ ଦୃଷ୍ଟିରୁ ଆଦୌ ଗ୍ରହଣୀୟ ହୋଇନାହିଁ। ସେମାନେ ଯେ ପରୋକ୍ଷରେ ଦଳବିରୋଧୀ ଜଳ୍ପନା କଳ୍ପନାକୁ ପ୍ରଶ୍ରୟ ଦେଉଛନ୍ତି ଏ କଥା ସାଧାରଣରେ ଆଲୋଚିତ ହେଉଛି। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କ ଦିଲ୍ଲୀ ଗସ୍ତକୁ କେନ୍ଦ୍ରକରି ରାଜନୈତିକ ହଟଚମଟ ସୃଷ୍ଟି କରିବା ଏବଂ ମଝିରେ ମଝିରେ ବିଧାୟକମାନଙ୍କର ଦସ୍ତଖତ ସଂଗ୍ରହ ଅଭିଯାନ କରିବା ବର୍ତ୍ତମାନ କଂଗ୍ରେସର ଏକ ରାଜନୈତିକ ସଂସ୍କାରରେ ପରିଣତ ହେଲାଣି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏ ପ୍ରକାର ସଂସ୍କାରକୁ ବାରମ୍ବାର ଉତ୍ସାହିତ କରାଯାଉଥିବାରୁ ଜନସାଧାରଣ ଯେ ପ୍ରତାରିତ ହେଉଛନ୍ତି ତା' ନୁହେଁ ଆମ ବିଚାରରେ ଏକ ନିର୍ବାଚିତ ବିଧାୟକଙ୍କ ସ୍ୱାଭିମାନ ମଧ୍ୟ କ୍ଷୁଣ୍ଣ ହେଉଛି। ପୁଣି ଦୁଃଖ ଲାଗେ ଯେତେବେଳେ ଉଭୟ ଗୋଷ୍ଠୀର ଦସ୍ତଖତ ସଂଖ୍ୟାକୁ ମିଶାଇଲେ ତାହା କଂଗ୍ରେସ ବିଧାୟକମାନଙ୍କ ସଂଖ୍ୟାଠାରୁ ଅଧିକ ହୋଇଯାଏ ଏବଂ ଅଭିଯୋଗ ହୁଏ ଯେ ଜାଲ ଦସ୍ତଖତ ସଂଗ୍ରହ କରାଯାଇଛି। ଆମର ବିଧାୟକମାନେ କଣ ଏତେ ଶସ୍ତା ଯେ ତାଙ୍କୁ କେତେଜଣ ଚୋରାହାଟର ସାମଗ୍ରୀ ପରି ବ୍ୟବହାର କରି ଚାଲିଥିବେ ? ତେଣୁ ଆମ ବିଚାରରେ ଏ ପ୍ରକାର ଅସ୍ଥିରତା ପାଇଁ କେବଳ ଆଶ୍ୱାସନା ଯଥେଷ୍ଟ ନୁହେଁ, ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କଂଗ୍ରେସ କର୍ତ୍ତୃପକ୍ଷ ନିଜର ନେତୃତ୍ୱର ପରିଚୟ ଦିଅନ୍ତୁ ଏବଂ ଜନସାଧାରଣଙ୍କ ମନରେ ଉଙ୍କି ମାରୁଥିବା ସନ୍ଦେହ ମୋଚନ କରନ୍ତୁ।

**ସୌମ୍ୟରଞ୍ଜନ ପଟ୍ଟନାୟକ**